Samaja - pg 5

# ଇମ୍ରାନ ଅଲ୍ଲୀଙ୍କୁ ଶାମ୍ଭବୀ ପୁରସ୍କାର

ଉତ୍ତରଭୁବନେଶ୍ୱର,୨୩।୩(ନି.ପ୍ର): ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଆଲୟେଜ୍ ଲିମିଟେଡ୍(ଇମ୍ଫା)ର କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ (ସିଏସ୍ଆର) ସଂସ୍ଥା ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ (ବିଆଇପିଏଫ୍) ପକ୍ଷରୁ ଓଡ଼ିଶାରେ ସ୍ୱାସ୍ଥ୍ୟ ଓ ପକ୍ଷପୋଷଣ କ୍ଷେତ୍ରରେ ଯୋଗଦାନ ପାଇଁ ଡ. ମହମ୍ମଦ ଇମ୍ରାନ୍ ଅଲ୍ଲୀଙ୍କୁ 'ଶାମ୍ଭବୀ ପୁରସ୍କାର ୨୦୨୩'ରେ ସମ୍ମାନିତ କରାଯାଇଛି। ସେହିପରି ବିପିନ ବିହାରୀ ପଣ୍ଡାଙ୍କୁ ସମାଜର ଦୁର୍ବଳ ଶ୍ରେଣୀର ଲୋକଙ୍କ କାର୍ଯ୍ୟ ନିମନ୍ତେ ବିଚାରକମଣ୍ଡଳୀ ସୁପାରିସରେ ସମ୍ମାନିତ କରାଯାଇଛି।

ଗୁରୁବାର ସନ୍ଧ୍ୟାରେ ଏଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି କେନ୍ଦ୍ର ସରକାରଙ୍କ ଦକ୍ଷତା ବିକାଶ ଆୟୋଗର ସଦସ୍ୟ (ଏଚ୍ଆର) ଡ. ଆର ବାଲାସୁବ୍ରମଣ୍ୟମ୍‌ଙ୍କ ଉପସ୍ଥିତିରେ ଏହି ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ କହିଥିଲେ, ଏହି ସମ୍ମାନ ସେମାନଙ୍କୁ ଅଧିକ ପ୍ରଭାବଶାଳୀ ଢଙ୍ଗରେ ନିଜ ଲକ୍ଷ୍ୟ ହାସଲ ପାଇଁ ପ୍ରେରିତ କରିବା ସହିତ ସମାଜରେ ସେମାନଙ୍କ ଯୋଗଦାନକୁ ସ୍ୱୀକୃତି ପ୍ରଦାନ କରିବ।

ଓଡ଼ିଶାରେ ନିଶା-ନିବାରଣ କାର୍ଯ୍ୟ ପାଇଁ ପରିଚିତ ଡ. ଅଲ୍ଲୀ ପିଲା ଓ ଯୁବବର୍ଗଙ୍କ ଜୀବନରୁ ମାଦକ ଦ୍ରବ୍ୟର ସେବନ ପ୍ରଭାବକୁ ସମାପ୍ତ ପାଇଁ ଲଗାତାର କାର୍ଯ୍ୟ ଜାରି ରଖିଛନ୍ତି। ସେ କଟକ-ଭୁବନେଶ୍ୱର କମିସନରେଟ ପୁଲିସ ସହିତ ମିଶି ନିଶା-ମୁକ୍ତି ପରାମର୍ଶ କେନ୍ଦ୍ର ଆରମ୍ଭ କରିଛନ୍ତି। ସମଗ୍ର ଓଡ଼ିଶାରେ ଗୋଷ୍ଠୀ ବେତାର କେନ୍ଦ୍ର ମାଧ୍ୟମରେ ତମାଖୁ ବିରୋଧୀ ଅଭିଯାନ ଦିଗରେ ତାଙ୍କ କାର୍ଯ୍ୟ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସରେ ସ୍ଥାନ ପାଇଛି। ପୁରସ୍କାର ବାବଦ ତାଙ୍କୁ ଅଢ଼େଇ ଲକ୍ଷ ଟଙ୍କାର ନଗଦ ଅର୍ଥରାଶି, ଫଳକ ଓ ମାନପତ୍ର

## ଦୁର୍ବଳ ଶ୍ରେଣୀର ଲୋକଙ୍କ କାର୍ଯ୍ୟ ନିମନ୍ତେ ବିପିନ ବିହାରୀ ସମ୍ମାନିତ

ପ୍ରଦାନ କରାଯାଇଛି। ନିଜ ପ୍ରିୟଜନଙ୍କୁ ହରାଇଥିବା ଏବଂ ସମାଜର ମୁଖ୍ୟସ୍ରୋତରୁ ଦୂରେଇ ରହିଥିବା ଲୋକଙ୍କୁ ସହାୟତା ଦିଗରେ ନିଃସ୍ୱାର୍ଥପର କାର୍ଯ୍ୟ, କରୁଣା ଏବଂ ସାହସ ପ୍ରଦର୍ଶନ ପାଇଁ ଚଳିତ ବର୍ଷ ଶ୍ରୀ ପଣ୍ଡାଙ୍କୁ ସମ୍ମାନିତ କରାଯାଇଛି। ତାଙ୍କର ଅନୁକରଣୀୟ କାର୍ଯ୍ୟକୁ ସ୍ୱୀକୃତି ପ୍ରଦାନ




ସ୍ୱରୂପ ଫାଉଣ୍ଡେସନ ପକ୍ଷରୁ ତାଙ୍କୁ ପୁରସ୍କାର ବାବଦରେ ୫୦,୦୦୦ ଟଙ୍କାର ନଗଦ ରାଶି ସହିତ ମାନପତ୍ର ପ୍ରଦାନ କରାଯାଇଛି।

ଫାଉଣ୍ଡେସନର ସିଇଓ ଏବଂ ଟ୍ରଷ୍ଟି ଶେଫାଳିକା ପଣ୍ଡା କହିଥିଲେ ଯେ, ନିଜ ହିତକୁ ପଛରେ ପକାଇ ବଦାନ୍ୟ କାର୍ଯ୍ୟରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଲୋକଙ୍କୁ ଏହି ମଞ୍ଚରେ ସମ୍ମାନିତ କରାଯାଇଥାଏ। ଚଳିତ ପୁରସ୍କାରର ବିଚାରକ ଭାବେ ଡ. ଅରବିନ୍ଦ କୁମାର ପାଢ଼ୀ, ପ୍ରଫେସର ସଞ୍ଜୟ କେ. ନାୟକ, ଡ. ଆଭା ମିଶ୍ର, କେ ରବି, ଶେଫାଳିକା ପଣ୍ଡା ଦାୟିତ୍ୱ ତୁଲାଇଥିଲେ। କ୍ଷେତ୍ର ନିର୍ଦ୍ଧାରକ ଭାବେ କାର୍ଯ୍ୟ କରିଥିଲେ ଦୀପ୍ତିରଞ୍ଜନ ବେହେରା।